# କୁସୁମ ଯୋଜନା ସମ୍ବନ୍ଧୀୟ ମାର୍ଗଦର୍ଶୀକା ଏବଂ ନିୟମାବଳୀ

## I. ପୃଷ୍ଠଭୂମି

I. କୃଷକ ମାନଙ୍କର ଆର୍ଥିକ ଆୟ ବୃଦ୍ଧି କରିବାର ଲକ୍ଷ୍ୟ ନେଇ ଭାରତ ସରକାରଙ୍କ ନବୀନ ଏବଂ ନବିକରଣୀୟ ଶକ୍ତି ମନ୍ତ୍ରଣାଳୟ ପ୍ରଧାନ ମନ୍ତ୍ରୀ କିଷାନ ଉର୍ଜା ସୁରକ୍ଷା ଏବଂ ଉତଥାନ ମହାଭିଯାନ ବା କୁସୁମ ଯୋଜନା ଅଫିସ ମେମୋରାଣ୍ଡମ ନଂ  ଦିନାଙ୍କ 8.3.2019 ମାଧ୍ୟମରେ ପ୍ରାରମ୍ଭ କରିଛନ୍ତି ଏବଂ ଏହି ଯୋଜନା କୁ କାର୍ଯ୍ୟକାରୀ କରିବା ପାଇଁ ବିସ୍ତୃତ ମାର୍ଗଦର୍ଶୀକା 22.7.2019 ରେ ଜାରି କରିଛନ୍ତି।

II. ଉକ୍ତ  ଯୋଜନା ର କମ୍ପୋନେଣ୍ଟ- ଏ ରେ ଚାଷୀ କିମ୍ବା ସେମାନଙ୍କ ଦ୍ୱାରା ଅଧିକୃତ ବ୍ୟକ୍ତି ମାନଙ୍କ ଦ୍ୱାରା 500 କିଲୋ ୱାଟ ଠାରୁ 2 ମେଗା ୱାଟ କ୍ଷମତା ବିଶିଷ୍ଟ ସୌର ଶକ୍ତି ପ୍ରକଳ୍ପ 33/11 କେଭି ସବଷ୍ଟେସନ ର 5 କିମି ମଧ୍ୟରେ ବସାଇ ଉତ୍ପାଦିତ ବିଦ୍ୟୁତ ଶକ୍ତି କୁ ବିଦ୍ୟୁତ ବିତରକ କମ୍ପାନୀ ମାନଙ୍କୁ ପୂର୍ବ ନିର୍ଦ୍ଧାରିତ ଦର ରେ ବିକ୍ରୟ କରିବାର ବ୍ୟବସ୍ଥା ରହିଛି।

III. ରାଜ୍ୟ ଶକ୍ତି ବିଭାଗ ଆଗାମୀ ବର୍ଷ ମାନଙ୍କରେ ଏହି ଯୋଜନା ରେ ମୋଟ 2300 ମେଗା ୱାଟ ସୌର ଶକ୍ତି ପ୍ରକଳ୍ପ ବସାଇବା ପାଇଁ ବିଦ୍ୟୁତ ବିତରକ କମ୍ପାନୀ ୱାରୀ  ପ୍ରକଳ୍ପ କ୍ଷମତା ନିର୍ଦ୍ଧାରିତ କରିଛନ୍ତି ।

IV. ପ୍ରଥମ ପର୍ଯ୍ୟାୟ ରେ 30 ମେଗା ୱାଟ ସୌର ଶକ୍ତି ପ୍ରକଳ୍ପ  ବସାଇବା ପାଇଁ ବିଦ୍ୟୁତ ବିତରକ କମ୍ପାନୀ ମାନେ ନିଜ ନିଜ ଅଞ୍ଚଳରେ 33/11 କେଭି ସବ ଷ୍ଟେସନ ଚିହ୍ନଟ କରିଛନ୍ତି ।

V. ଏହି ଯୋଜନା କୁ ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡା) କୁ ଅଧିକୃତ କରାଯାଇଛି।

## 2. ସୋଲାର ପାୱାର ଜେନେରେଟର (ଏସ ପି ଜି)

ଏହି ଯୋଜନା ରେ ସୌର ଶକ୍ତି ପ୍ରକଳ୍ପ ବସାଇବା ପାଇଁ ଚୟନ କରାଯାଇଥିବା ଚାଷୀ ବା ତାଙ୍କ ଦ୍ୱାରା ଅଧିକୃତ ବ୍ୟକ୍ତି ବା ଚାଷୀଙ୍କ ଠାରୁ ଜମି ଲୀଜ ନେଇ ପ୍ରକଳ୍ପ ବସାଇବା କୁ ଥିବା ବିକାଶକର୍ତ୍ତା ଙ୍କୁ ସୋଲାର ପାୱାର ଜେନେରେଟର ବା ଏସପିଜି କୁହା  ଯାଇ ଥାଏ।  ଏସପିଜି ନିମ୍ନ ପ୍ରଦତ୍ତ କାର୍ଯ୍ୟ ଗୁଡିକ ପାଇଁ ଉତ୍ତରଦାୟୀ ରହିବେ

I. ଏସପିଜି ସୌର  ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଜମି, ଉକ୍ତ ଜମିରେ ବସାଇବାକୁ ଥିବା ନିର୍ଦ୍ଧାରିତ କ୍ଷମତା ର ସୌର ଶକ୍ତି ପ୍ରକଳ୍ପ ଏବଂ ସେଥିପାଇଁ ଚିହ୍ନିତ 33/11 କେଭି ସବ ଷ୍ଟେସନ ସହିତ ପ୍ରକଳ୍ପ କୁ ଯୋଡିବା  ପୂର୍ବକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପ କୁ ଚାଲୁ କରିବା।

II. ଏସପିଜି ସୌର  ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଜମି ରେ ପ୍ରକଳ୍ପ ବିକାଶକର୍ତ୍ତାଙ୍କୁ ଜମି ଅଧିଗ୍ରହଣ କରିବା ବା ଲୀଜ ସୂତ୍ର ରେ ଦେବାପାଇଁ ଆବଶ୍ୟକୀୟ ଦଲିଲ , ଦସ୍ତାବିଜ , ଲୀଜ ଏଗ୍ରୀମେଣ୍ଟ ଇତ୍ୟାଦି ପ୍ରସ୍ତୁତ କରିବେ।

III. ସମସ୍ତ ବଶ୍ୟକୀୟ ଦଲିଲ, ଦସ୍ତାବିଜ ଇତ୍ୟାଦିର ଅନୁମୋଦନ, ମଞ୍ଜୁରୀ, ପରମିଟ ଇତ୍ୟାଦି ପ୍ରାପ୍ତ କରିବେ।

IV. ପ୍ରକଳ୍ପ ସମ୍ବନ୍ଧୀୟ ଆଇନ, ରେଗୁଲେଶନ, ଗ୍ରୀଡ କୋଡ, ନିର୍ମାଣ ପଦ୍ଧତି ର ନିୟମ ଓ ସର୍ତ୍ତାନୁବଳି ଅନୁଯାୟୀ ଡିଜାଇନ,ପ୍ରକଳ୍ପ ପ୍ରତିଷ୍ଠା ଏବଂ ତତ୍ପରବର୍ତ୍ତୀ ପରୀକ୍ଷଣ ପୂର୍ବକ ପ୍ରକଳ୍ପ ଚାଲୁ କରିବା

V. ପ୍ରକଳ୍ପ ନିର୍ମାଣ ର ସର୍ତ୍ତ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟ ରେ ପ୍ରକଳ୍ପ କୁ ଚାଲୁ କରି ଗ୍ରୀଡକୋ କୁ ନିର୍ଦ୍ଧାରିତ ପରିମାଣର ର ବିଦ୍ୟୁତ ଶକ୍ତି ନିୟମିତ ରୂପେ ଯୋଗାଇ ଦେବା

VI. ଇଣ୍ଟେର୍ ସେକ୍ସନ,ମିଟରିଙ୍ଗ, ଡେଲିଭେରୀ ପଇଣ୍ଟ ଠାରେ ଇନ୍ଟରକନେକ୍ସନ ସୁବିଧା କରିବା ସଙ୍ଗେ ସଙ୍ଗେ ପ୍ରକଳ୍ପ ରୁ ବିଦ୍ୟୁତ ଶକ୍ତି ପ୍ରବାହ ର ବନ୍ଦୋବସ୍ତ କରିବା

VII. ଏଗ୍ରୀମେଣ୍ଟ ଅବଧି ସେସ ପର୍ଯ୍ୟନ୍ତ ପ୍ରକଳ୍ପ କୁ ସମସ୍ତ ପ୍ରକାରର ଅବରୋଧ ରୁ ମୁକ୍ତ ରଖିବା

VIII. ଏଗ୍ରୀମେଣ୍ଟ ଅନ୍ତର୍ଗତ ସମସ୍ତ ଦାୟିତ୍ୱ କୁ ସମ୍ପୂର୍ଣ୍ଣ ରୂପେ ନିର୍ବାହ କରିବା

IX. ବିଦ୍ୟୁତ ଉତ୍ପାଦନ, ସରବରାହ ଓ ବିକ୍ରୟ ସମ୍ବନ୍ଧୀୟ ସରକାରଙ୍କ ସମସ୍ତ ନିୟମାବଳି ସମ୍ବନ୍ଧ ରେ ଅବଗତ ରହିବା ଏବଂ ପାଳନ କରିବା

## ୩. ସୌର ପ୍ରକଳ୍ପ ର କ୍ଷମତା ଅନୁଯାୟୀ ଜମିର ଆବଶ୍ୟକତା

I. ଏହି ଯୋଜନା ମାଧ୍ୟମ ରେ ୦.5 ମେଗା ୱାଟ ଠାରୁ 2 ମେଗା ୱାଟ କ୍ଷମତା ସମ୍ପନ୍ନ ସୌର ପ୍ରକଳ୍ପ ପାଇଁ ଆବେଦନ କରାଯାଇ ପାରିବ।

II. ମେଗାୱାଟ ପିଛା 2 ହେକ୍ଟର ବା 5 ଏକର ଜମି ଆବଶ୍ୟକ ହୋଇ ଥାଏ।

III. ଯେ କୌଣସି ଆବେଦକ ନିଜ ଜମି ଅନୁସାରେ ସର୍ବାଧିକ 2 ମେଗାୱାଟ କିମ୍ବା ବିଦ୍ୟୁତ ବିତରକ କମ୍ପାନୀ ଦ୍ୱାରା ଅଧିସୂଚିତ କ୍ଷମତା ମଧ୍ୟରୁ ଯେଉଁଟି କମ କେବଳ ସେତିକି କ୍ଷମତା ପାଇଁ ଆବେଦନ କରି ପାରିବେ

## 4. କେଉଁ ମାନେ ଆବେଦନ କରି ପାରିବେ

ଯେ କୌଣସି ଚାଷୀ/ଚାଷୀ ସମୂହ/ କୃଷି ଉତ୍ପାଦକ ସଂଘ/ଜଳ ଉପଭୋକ୍ତା ସଂଘ / ପଞ୍ଚାୟତ ଇତ୍ୟାଦି ଏହି ଯୋଜନା ମାଧ୍ୟମ ରେ ସୌର ପ୍ରକଳ୍ପ ପାଇଁ ଆବେଦନ କରିପାରିବେ ।

## 5. ଲୀଜ ସୂତ୍ର ରେ ଜମି ପ୍ରଦାନ

I. ବିକାଶକର୍ତ୍ତା ଙ୍କ ମାଧ୍ୟମରେ ସୌର ପ୍ରକଳ୍ପ ସ୍ଥାପନ ପାଇଁ ଜମି ମାଲିକ ଓ ବିକାଶକର୍ତ୍ତାଙ୍କ ସହମତି ରେ ନିର୍ଦ୍ଧାରିତ ଲୀଜ ମୂଲ୍ୟ ଜମି ମାଲିକ ପାଇ ପାରିବେ। ଲୀଜ ମୂଲ୍ୟ ଜମି ମାଲିକ ସିଧା ସଳଖ ନିଜ ବ୍ୟାଙ୍କ ଏକାଉଣ୍ଟ ରେ ମଧ୍ୟ ପାଇ ପାରିବେ।

II. ଲୀଜ ମୂଲ୍ୟ ପ୍ରତି ଏକର ପିଛା କିମ୍ବା ଇଉନିଟ ପିଛା ମଧ୍ୟ ପାଇ ପାରିବେ ।

III. ଲୀଜ ଏଗ୍ରୀମେଣ୍ଟ ଚାଷୀ ଏବଂ ବିକାଶକର୍ତ୍ତା ଙ୍କ ସହମତି ରେ ହେଇଥିବା ସର୍ତ୍ତ ଅନୁଯାୟୀ ହେବ ଏବଂ ଉକ୍ତ ଏଗ୍ରୀମେଣ୍ଟ ର ଅସଫଳତା ପାଇଁ କେବଳ ସେହି ମାନେ ହି ଦାୟୀ ରହିବେ। ଗ୍ରୀଡ୍କୋ , ବିଦ୍ୟୁତ ବିତରକ କମ୍ପାନୀ କିମ୍ବା ଓରେଡା ସେଥି ପାଇଁ କୌଣସି ମତେ ଦାୟୀ ହେବେ ନାହିଁ।

## 6. ଆର୍ଥିକ ଯୋଗ୍ୟତା :

I. ଏହି ଯୋଜନାରେ ଯେଉଁ ଚାଷୀ/ଚାଷୀ ସମୂହ/ କୃଷି ଉତ୍ପାଦକ ସଂଘ/ଜଳ ଉପଭୋକ୍ତା ସଂଘ / ପଞ୍ଚାୟତ ନିଜସ୍ୱ ଅର୍ଥ ବିନିଯୋଗ କରି ପ୍ରକଳ୍ପ ସ୍ଥାପନ କରିବେ ସେମାନଙ୍କ ପାଇଁ କୌଣସି ଆର୍ଥିକ ଯୋଗ୍ୟତା ଆବଶ୍ୟକ ପଡି ନ ଥାଏ।

II. ଯଦି ଉପରୋକ୍ତ ଚାଷୀ/ଚାଷୀ ସମୂହ/ କୃଷି ଉତ୍ପାଦକ ସଂଘ/ଜଳ ଉପଭୋକ୍ତା ସଂଘ / ପଞ୍ଚାୟତ ସୌର ପ୍ରକଳ୍ପ କୌଣସି ବିକାଶକର୍ତ୍ତାଙ୍କ ମାଧ୍ୟମରେ ବସାଉଥିବେ ତେବେ ଉକ୍ତ ବିକାଶକର୍ତ୍ତାଙ୍କ ନେଟୱାର୍ଥ (net-worth) ମେଗାୱାଟ ପିଛା 1 କୋଟି ଟଙ୍କା ଥିବା ଆବଶ୍ୟକ। ଏହା ପ୍ରଦର୍ଶିତ କରିବା ପାଇଁ ବିକାଶକର୍ତ୍ତାଙ୍କୁ ଚାର୍ଟାର୍ଡ ଏକାଉଣ୍ଟାଟ ଙ୍କ ଦ୍ୱାରା ପ୍ରଦତ୍ତ ନେଟୱାର୍ଥ ପ୍ରମାଣ ପାତ୍ର (certificate) ଦାଖଲ କରିବାକୁ ହେବ।

## 7. ଆବେଦନ ଶୁଳ୍କ, ଇଏମଡ଼ି (EMD)ଏବଂ ପ୍ରକଳ୍ପ ସମ୍ପାଦନ ସୁରକ୍ଷା ରାଶି (Performance Bank Guarantee)

### ଆବେଦନ ଶୁଳ୍କ

ଏହି ଯୋଜନାରେ ସୌର ପ୍ରକଳ୍ପ ବସାଇବା ଆବେଦନ କରିବା ପାଇଁ ପ୍ରତ୍ୟେକ ଆବେଦକ ଙ୍କୁ ମେଗା ୱାଟ ପିଛା 5000 ଟଙ୍କା ଆବେଦନ ଶୁଳ୍କ ଜମା କରିବାକ ପଡିବ। ଉକ୍ତ ଶୁଳ୍କ demand ଡ୍ରାଫ୍ଟ ରୂପେ ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ରେ ଜମା କରିବାକୁ ପଡିବ।

### ଇଏମଡ଼ି (EMD)

ଏହି ଯୋଜନା ରେ ପ୍ରତ୍ୟେକ ଆବେଦକଙ୍କୁ ମେଗାୱାଟ ପିଛା 100000 ଟଙ୍କା EMD ବାବଦକୁ ଜମା କରିବାକୁ ହେବ। ଉକ୍ତ ରାଶି ମୁଖ୍ୟ ନିର୍ବାହୀ ଓରେଡାଙ୍କ ନାମରେ demand draft କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି (bank guarantee) ରୂପେ ଜମା କରିବାକୁ ପଡିବ। ଉକ୍ତ ବ୍ୟାଙ୍କ ଗ୍ୟାରେଣ୍ଟି (bank guarantee) ର ବୈଧତା ( validity) ଅତି କମ ରେ 6 ମାସ ଥିବା ଆବଶ୍ୟକ। ସଫଳ ଆବେଦକ ମାନଙ୍କୁ ଶକ୍ତି କ୍ରୟ ଏଗ୍ରୀମେଣ୍ଟ ବା PPA ଦସ୍ତଖତ କରିବାର 15 ଦିନ ମଧ ରେ ଏହା ଫେରାଇଦିଆଯିବ ।

### ପ୍ରକଳ୍ପ ସମ୍ପାଦନ ସୁରକ୍ଷା ରାଶି(Performance Bank Guarantee)

ସୌର ପ୍ରକଳ୍ପ ବସାଇବା ପାଇଁ ଚୟନ କରାଯାଇଥିବା ପ୍ରତ୍ୟେକ ଏସପିଜି (SPG) ଙ୍କୁ **ପ୍ରକଳ୍ପ ସମ୍ପାଦନ ସୁରକ୍ଷା ରାଶି(Performance Bank Guarantee) ବାବଦକୁ ମେଗାୱାଟ ପ୍ରତି 5,00,000 ଟଙ୍କା ନିର୍ବାହୀ ଓରେଡାଙ୍କ ନାମରେ ବ୍ୟାଙ୍କ ଗ୍ୟାରେଣ୍ଟି (bank guarantee) ରୂପେ ଜମା କରିବାକୁ ପଡିବ। ଉକ୍ତ ବ୍ୟାଙ୍କ ଗ୍ୟାରେଣ୍ଟି (bank guarantee) ର ବୈଧତା ( validity) ଅତି କମ ରେ 15 ମାସ ହେବା ଆବଶ୍ୟକ।**

ଏସପିଜି (SPG) ଙ୍କ ଦ୍ୱାରା ବସଯାଇଥିବା ସୌର ପ୍ରକଳ୍ପର ସମସ୍ତ କାର୍ଯ୍ୟ ଶେଷ ହେବା ପୂର୍ବକ ସେଥିରୁ ବିଦ୍ୟୁତ ଉତ୍ପାଦନ ଓ ସରବରାହ ହେବା ର 30 ଦିନ ମଧ୍ଯ ରେ ଉକ୍ତ **ବ୍ୟାଙ୍କ ଗ୍ୟାରେଣ୍ଟି (bank guarantee) କୁ** ଏସପିଜି (SPG) ଙ୍କୁ **ଫେରାଇଦିଆଯିବ ।**

## ୮. ବିଦ୍ୟୁତ ଶକ୍ତି ର ବିକ୍ରୟ ମୂଲ୍ୟ

I. ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶ ସଂଖ୍ୟା ତା ଅନୁଯାୟୀ ଉକ୍ତ ଯୋଜନା ମାଧ୍ୟମ ରେ ବସା ଯାଇଥିବା ସୌର ପ୍ରକଳ୍ପ ଗୁଡିକରୁ ଉତ୍ପାଦିତ ବିଦ୍ୟୁତ ଶକ୍ତି ଗ୍ରୀଡ୍ କୋ (gridco) ଆଗାମୀ 25 ବର୍ଷ ପାଇଁ ଇଉନିଟ (kWh)ପ୍ରତି ଟ 3.0୪ ହିସାବରେ ଏସପିଜି (SPG) ଙ୍କ ଠାରୁ କ୍ରୟ କରିବେ।

II. ରାଜ୍ୟ ସରକାର ଯଦି ନିଜ ତରଫ ରୁ ଇଉନିଟ (kWh)ପ୍ରତି କିଛି ଅଧିକ ମୂଲ୍ୟ ଦେବା ପାଇଁ ନିଷ୍ପତ୍ତି ନେବେ ତେବେ ଉକ୍ତ ଅଧିକ ମୂଲ୍ୟ ମଧ୍ଯ ଗ୍ରୀଡ୍ କୋ (gridco) ଏସପିଜି (SPG)ଙ୍କୁ ପ୍ରଦାନ କରିବେ।

III. ଯଦି କୌଣସି ନିର୍ଦ୍ଦିଷ୍ଟ ସବଷ୍ଟେସନ ପାଇଁ ବିଦ୍ୟୁତ ବିତରକ କମ୍ପାନୀ ଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ଷମତା ଠାରୁ ଅଧିକ କ୍ଷମତା କିମ୍ବା ନିର୍ଧାରିତ କ୍ଷମତା ପାଇଁ ଏକାଧିକ ବୈଧ ଆବେଦନ ପତ୍ର ଆସେ ତେବେ ସେ କ୍ଷେତ୍ର ରେ ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ରୟ ମୂଲ୍ୟ ଠାରୁ କମ ମୂଲ୍ୟର ରେ ବିଦ୍ୟୁତ ଶକ୍ତି କ୍ରୟ ଲାଗି ଆବେଦନକାରୀ ମାନଙ୍କ ମଧ୍ଯ ରେ ସର୍ବନିମ୍ନ ମୂଲ୍ୟ ଡାକ (reverse bidding) ପ୍ରକ୍ରିୟାରେ ମୂଲ୍ୟ ନିର୍ଦ୍ଧାରଣ କରାଯିବ।

## ୨. ସୌର ପ୍ରକଳ୍ପ ସ୍ଥାପନ ପାଇଁ ଆବେଦନ ଏବଂ ଚୟନ ପ୍ରକ୍ରିୟା

I. କୁସୁମ ଯୋଜନା ରେ ସୌର ପ୍ରକଳ୍ପ ବସାଇବା ପାଇଁ ବିଦ୍ୟୁତ ବିତରକ କମ୍ପାନୀ ମାନଙ୍କ ଦ୍ୱାରା ଚିହ୍ନିତ 33/11 କେଭି ସବ ଷ୍ଟେସନ ଗୁଡିକର ତାଲିକା ଓରେଡା ର ୱେବସାଇଟ ରେ ଅପଲୋଡ କରାଯାଇଛି।

II. ଉପରୋକ୍ତ ସବ ଷ୍ଟେସନ ଗୁଡିକ ପାଇଁ ପ୍ରଛେଦ 4 ଅନୁଯାୟୀ ଆଗ୍ରହୀ ଆବେଦକ ମାନେ ପ୍ରଦତ୍ତ ସୂଚନା ଏବଂ ଆବଶ୍ୟକୀୟ ଦସ୍ତାବିଜ ସହିତ tenderwizard ୱେବସାଇଟ ରେ ଅନଲାଇନ ଆବେଦନ କରିପାରିବେ।

III. tenderwizard ୱେବସାଇଟ ରେ ଅନଲାଇନ ଆବେଦନ କରିବାର ପ୍ରକ୍ରିୟା ସଙ୍ଗଲଗ୍ନକ କ ରେ ଦର୍ଶା ଯାଇଛି।

IV. ଯେ କୌଣସି ଏସପିଜି (SPG) ଗୋଟିଏ ନିର୍ଦ୍ଦିଷ୍ଟ 33/11 କେଭି ସବ ଷ୍ଟେସନ ପାଇଁ କେବଳ ଗୋଟିଏ ଆବେଦନ ପତ୍ର ଦାଖଲ କରି ପାରିବେ। ଯଦି କୌଣସି ଏସପିଜି (SPG) କିମ୍ବା ତାଙ୍କ ସହିତ ଜଡିତ ଥିବା କୌଣସି ମେମ୍ବର, ଡିରେକ୍ଟର, ଗୋଷ୍ଠୀ , କମ୍ପାନୀ ଗୋଟିଏ 33/11 କେଭି ସବ ଷ୍ଟେସନ ପାଇଁ ଏକାଧିକ ଆବେଦନ ପତ୍ର ଦାଖଲ କରିବେ ତେବେ ସେହି ଆବେଦନ ପତ୍ର ଅଯୋଗ୍ୟ ଘୋଷିତ ହେବ ଏବଂ ଖାରଜ କରାଯିବ।

V. ସମସ୍ତ ଆବେଦନ ପତ୍ର ଏବଂ ତତ୍ ସମ୍ବନ୍ଧୀୟ ଦସ୍ତାବିଜ ଇତ୍ୟାଦି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ଯ ରେ ଅପଲୋଡ କରିବା ବିଧେୟ। ଏହି ସମୟ ସୀମା ପରେ ୱେବସାଇଟ ରେ ଆବେଦନ ପତ୍ର ଦାଖଲ କରିବା ଆଉ ସମ୍ଭବ ହେବ ନହିଁ ।

## ଚୟନ ପ୍ରକ୍ରିୟା

ନିର୍ଦ୍ଧାରିତ ତାରିଖ ଓ ସମୟ ସୀମା ମଧ୍ଯ ରେ ପ୍ରାପ୍ତ ସମସ୍ତ ଆବେଦନ ପତ୍ର ଓ ମଗାଯାଇଥିବା ଦଲିଲ/ଦସ୍ତାବିଜ ଗୁଡିକର ଯାଞ୍ଚ କରାଯାଇ ଆବେଦକ ମାନଙ୍କୁ ନିମ୍ନ ମତେ ବର୍ଗୀକୃତ କରାଯିବ

### ବର୍ଗ 'କ'

ଯେ କୌଣସି ସବ ଷ୍ଟେସନ ର ଘୋଷିତ କ୍ଷମତା ବା ତା ଠାରୁ କମ କ୍ଷମତା ପାଇଁ ପ୍ରାପ୍ତ ସମସ୍ତ ବୈଧ ଆବେଦକ ମାନଙ୍କୁ ସୌର ପ୍ରକଳ୍ପ ବସାଇବା ପାଇଁ ଏବଂ ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଦ୍ଵାରା ନିର୍ଦ୍ଧାରିତ ଦର ରେ ବିଦ୍ୟୁତ ଶକ୍ତି ବିକ୍ରୟ କରିବା ପାଇଁ ତାଲିକାଭୁକ୍ତ କରାଯିବ।

ସମସ୍ତ ତାଲିକାଭୁକ୍ତ ଆବେଦକମାନଙ୍କୁ Notice of Award (NOA) ଜରିଆରେ ସୌର ଶକ୍ତି ପ୍ରକଳ୍ପ ର ସ୍ଵୀକୃତ କ୍ଷମତା ଏବଂ ସେଥିପାଇଁ ନିର୍ଦ୍ଧାରିତ ଆବେଦନ ଶୁଳ୍କ ତଥା EMD ରାଶି ଏକ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ଯରେ ଜମା କରିବା ପାଇଁ ଜଣାଇ ଦିଆଯିବ।

ନିର୍ଦ୍ଧାରିତ ସମୟ ସୀମା ମଧ୍ଯରେ ଆବେଦନ ଶୁଳ୍କ ତଥା EMD ରାଶି ଜମା କରିଥିବା ସମସ୍ତ ଆବେଦନକାରୀଙ୍କୁ Letter of Award (LOA) ପ୍ରଦାନ କରାଯିବ ଏବଂ ପ୍ରକଳ୍ପ ସମ୍ପାଦନ ସୁରକ୍ଷା ରାଶି(Performance Bank Guarantee) ଓ ଅନ୍ୟାନ୍ୟ ଦଲିଲ/ଦସ୍ତାବିଜ ଜମା କରିବାର ସମୟ ସୀମା ମଧ୍ଯ ଜଣାଇ ଦିଆଯିବ।

ପ୍ରକଳ୍ପ ସମ୍ପାଦନ ସୁରକ୍ଷା ରାଶି(Performance Bank Guarantee) ଓ ମଗାଯାଇଥିବା ଦଲିଲ/ଦସ୍ତାବିଜ ପ୍ରାପ୍ତ ହେବ ପରେ ବିଦ୍ୟୁତ କ୍ରୟ ଅନୁବନ୍ଧ ( Power Purchase Agreement) ଦସ୍ତଖତ କରିବା ପାଇଁ ନିମନ୍ତ୍ରଣ କରାଯିବ।

ଯେଉଁ ଆବେଦକ ମାନେ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ଯ ରେ EMD, Performance Bank Guarantee କିମ୍ବା ଅନ୍ୟାନ୍ୟ ଦଲିଲ/ଦସ୍ତାବିଜ ଜମା କରିପାରିବେ ନାହିଁ କିମ୍ବା Power Purchase Agreement ଦସ୍ତଖତ କରିବା ପାଇଁ ଆସି ପାରିବେ ନାହିଁ ସେମାନଙ୍କ ମୂଳ ଆବେଦନ କୁ ରଦ୍ଦ କରାଯିବ।

### ବର୍ଗ 'ଖ'

ଯେଉଁ ସବ ଷ୍ଟେସନ ଗୁଡିକର ର ଘୋଷିତ କ୍ଷମତା ଠାରୁ ଅଧିକ କ୍ଷମତା ପାଇଁ ଆବେଦନ ପତ୍ର ଆସିଥିବା ସେଇ ସମସ୍ତ ବୈଧ ଆବେଦକମାନଙ୍କୁ ତାଲିକାଭୁକ୍ତ କରାଯିବ ଏବଂ Reverse Auction ର ନିର୍ଦ୍ଧାରିତ ତାରିଖ, ସମୟସୀମା ଓ ଅନ୍ୟାନ୍ୟ ନିୟମାବଳୀ ଜଣାଇ ଦିଆଯିବ।

Reverse Auction ମାଧ୍ଯମରେ ସର୍ବନିମ୍ନ ବିଦ୍ୟୁତ କ୍ରୟ ମୂଲ୍ୟ ନିର୍ଦ୍ଧାରଣ କରି ସବ ଷ୍ଟେସନ ଗୁଡିକର ର ଘୋଷିତ କ୍ଷମତା ମୁତାବକ ଏକ ବା ଏକାଧିକ ଆବେଦକଙ୍କୁ ସୌର ପ୍ରକଳ୍ପ ବସାଇବା ପାଇଁ ଚୟନ କରାଯିବ।

Reverse Auction ପାଇଁ ସୂଚିତ କରାଯାଇଥିବା ସମସ୍ତ ଆବେଦକ ମାନଙ୍କୁ Auction ପୂର୍ବରୁ EMD ଏବଂ Performance Bank Guarantee ରାଶି ଜମା କରିବାକୁ ପଡିବ। ଯେଉଁ ଆବେଦକ ମାନେ ଏଥିରେ ବିଫଳ ହେବେ ସେମାନେ Reverse Auction ପ୍ରକ୍ରିୟା ରେ ଭାଗ ନେଇ ପାରିବେ ନାହିଁ।

Reverse Auction ମାଧ୍ୟମରେ ଚୟନ କରାଯାଇଥିବା ସମସ୍ତ ଆବେଦନକାରୀଙ୍କୁ ବିଦ୍ୟୁତ କ୍ରୟ ଅନୁବନ୍ଧ ( Power Purchase Agreement) ଦସ୍ତଖତ କରିବା ପାଇଁ ନିମନ୍ତ୍ରଣ କରାଯିବ।

**ବି.ଦ୍ର.**

ଯଦି କୌଣସି ଚାଷୀ/ଚାଷୀ ସମୂହ/ କୃଷି ଉତ୍ପାଦକ ସଂଘ/ଜଳ ଉପଭୋକ୍ତା ସଂଘ / ପଞ୍ଚାୟତ ସୌର ପ୍ରକଳ୍ପ ବିକାଶକର୍ତ୍ତାଙ୍କ ମାଧ୍ୟମରେ ବସାଉଥିବେ ତେବେ ଉକ୍ତ ବିକାଶକର୍ତ୍ତା ଜମି ପାଇଁ ଆବଶ୍ୟକୀୟ ଲୀଜ ଏଗ୍ରୀମେଣ୍ଟ ଅନୁବନ୍ଧିତ କରିସାରିବା ପୂର୍ବକ ସମ୍ପୃକ୍ତ ଚାଷୀ/ଚାଷୀ ସମୂହ/ କୃଷି ଉତ୍ପାଦକ ସଂଘ/ଜଳ ଉପଭୋକ୍ତା ସଂଘ / ପଞ୍ଚାୟତ ଦ୍ୱାରା ଭାରପ୍ରାପ୍ତ ହେବା ପରେ ବର୍ଗ 'କ' କିମ୍ବା 'ଖ' ରେ ତାଲିକା ଭୁକ୍ତ ହୋଇ ସିଧା ସଳଖ କିମ୍ବା reverse auction ପ୍ରକ୍ରିୟା ରେ ସୌର ପ୍ରକଳ୍ପ ବସାଇବା ପାଇଁ ଚୟିତ ହେବେ ଏବଂ କ୍ରୟ ଅନୁବନ୍ଧ (Power Purchase Agreement) ଦସ୍ତଖତ କରିବା ପାଇଁ ନିମନ୍ତ୍ରଣ ପାଇପାରିବେ।

## 10. 33/11 କେଭି ସବଷ୍ଟେସନ ସହ ସୌର ପ୍ରକଳ୍ପ ର ସଂଯୋଗ

I. ଏହି ଯୋଜନା ମାଧ୍ୟମରେ ବସାଯାଉଥିବା 0.5-2.0 ମେଗା ୱାଟ ସୌର ଶକ୍ତି ପ୍ରକଳ୍ପ ଗୁଡିକ 33/11 କେଭି ସବଷ୍ଟେସନ ର କେବଳ 11 କେଭି ପାର୍ଶ୍ୱରେ ସଂଯୋଗ କରାଯାଇପାରିବ।

II. ସୌର ପ୍ରକଳ୍ପ ଠାରୁ 11 କେଭି ସଂଯୋଗ ସ୍ଥାନ ପର୍ଯ୍ୟନ୍ତ ଅବଶ୍ୟକୀୟ 11 କେଭି ଲାଇନ ( ଖୁଣ୍ଟ, ତାର ଇତ୍ୟାଦି ) ଏସପିଜି ନିଜସ୍ୱ ଖର୍ଚ୍ଚ ରେ ବସାଇବେ। ଏହି ଲାଇନ ଟାଣିବା ପାଇଁ ଆବଶ୍ୟକ ହେଉଥିବା Right of Way (ROW) ସଜ୍ଜାନ୍ତୀୟ ସମସ୍ତ ଦାୟିତ୍ୱ ଏବଂ ଖର୍ଚ୍ଚ ଏସପିଜି ନିଜେ ବହନ କରିବେ ।

III. 33/11 କେଭି ସବଷ୍ଟେସନ ଠାରେ ଆବଶ୍ୟକୀୟ bay, switchgear, meter ଇତ୍ୟାଦି ଏବଂ ତତସମ୍ବନ୍ଧୀୟ ଅନ୍ୟାନ୍ୟ ଉପକରଣ ମଧ୍ୟ ସମ୍ପୃକ୍ତ ବିଦ୍ୟୁତ ବିତରକ କମ୍ପାନୀ ର ତତ୍ତ୍ୱାବଧାନରେ ଏସପିଜି ନିଜ ଖର୍ଚ୍ଚ ରେ ବସାଇବେ।

IV. ବିଦ୍ୟୁତ ବିତରଣ ସମ୍ବନ୍ଧୀୟ ଉପରୋକ୍ତ ସମସ୍ତ ଯନ୍ତ୍ରାଂଶ ର ସ୍ଥାପନା ପାଇଁ ଏସପିଜି ସମ୍ପୃକ୍ତ ବିଦ୍ୟୁତ ବିତରକ କମ୍ପାନୀ ର ନିୟମ ତଥା ଖର୍ଚ୍ଚ ଅଟକଳ ଅନୁଯାୟୀ ଆବଶ୍ୟକ ଅର୍ଥ କମ୍ପାନୀ ରେ ଜମା କରିବା ପୂର୍ବକ ଉକ୍ତ ଦାୟିତ୍ୱ କମ୍ପାନୀ କୁ ମଧ୍ୟ ଦେଇ ପାରିବେ।

V. 33/11 କେଭି ସବଷ୍ଟେସନ ସହିତ ସଂଯୋଗ ପାଇଁ ଉଦ୍ଦିଷ୍ଟ 11 କେଭି ଲାଇନ ର ସମସ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ଏସପିଜି ବହନେ କରିବେ ।

VI. ଯଦି କୌଣସି ସବଷ୍ଟେସନ ରେ ଏକାଧିକ ଏସପିଜି ନିଜ ସୌର ପ୍ରକଳ୍ପ ସଂଯୋଗ କରୁଥାନ୍ତି ତେବେ ନିଜ ନିଜ ଭିତରେ ସହମତି କ୍ରମେ ବିଦ୍ୟୁତ ବିତରକ କମ୍ପାନୀ ର ଅନୁମତି ନେଇ ସାମଗ୍ରିକ ଭାବେ common ସଂଯୋଜନା ଯନ୍ତ୍ରାଂଶ ସ୍ଥାପନ କରି ପାରନ୍ତି।

VII. ସମସ୍ତ ଏସପିଜି ସମ୍ପୃକ୍ତ  ବିଦ୍ୟୁତ ବିତରକ କମ୍ପାନୀ ଦ୍ୱାରା ନିର୍ଦ୍ଧାରିତ ସଂଯୋଜନା ଶୁଳ୍କ ବା connectivity charge ଉକ୍ତ କମ୍ପାନୀ ରେ ଜମା କରିବେ।

VIII. ସମସ୍ତ ଏସପିଜି ଙ୍କୁ grid code, ତଥା ବିଦ୍ୟୁତ ଉତ୍ପାଦନ ଏବଂ ସରବରାହ ସଙ୍କ୍ରାନ୍ତିୟ ସମସ୍ତ ନିୟମ/ଅଧିନିୟମ ପାଳନ କରିବାକୁ ପଡିବ।

## 11. ବିଦ୍ୟୁତ କ୍ରୟ ଅନୁବନ୍ଧ ( Power Purchase Agreement)

I. ଏସପିଜି ମାନଙ୍କ ଠାରୁ ବ୍ୟାବସାୟିକ କାର୍ଯ୍ୟକାରୀତା ଦିନ (Commercial Operation Date) ଠାରୁ ଆରମ୍ଭ କରି  25 ବର୍ଷ ପର୍ଯ୍ୟନ୍ତ ସୌର ପ୍ରକଳ୍ପ ରୁ ଉତ୍ପାଦିତ ସମସ୍ତ ବିଦ୍ୟୁତ ଶକ୍ତି ପୂର୍ବନିର୍ଦ୍ଧାରିତ ମୂଲ୍ୟ ରେ କ୍ରୟ କରିବା ପାଇଁ  ଗ୍ରୀଡକୋ ପ୍ରତ୍ୟେକ ଏସପିଜି ଙ୍କ ସହିତ ବିଦ୍ୟୁତ କ୍ରୟ ଅନୁବନ୍ଧ ସ୍ୱାକ୍ଷର କରିବେ।

II. 25 ବର୍ଷ ଅବଧି ସରିବା ପରେ ବିଦ୍ୟୁତ କ୍ରୟ ପାଇଁ ଏସପିଜି ଏବଂ ଗ୍ରୀଡକୋ ପରସ୍ପର  ବୁଝାମଣାରେ ବିଦ୍ୟୁତ କ୍ରୟ ଅନୁବନ୍ଧର ସମୟ ସୀମା ବଢାଇ ପାରିବେ

III. ଏସପିଜି ଙ୍କୁ ବିଦ୍ୟୁତ କ୍ରୟ ଜନିତ ଅର୍ଥ ପ୍ରଦାନ ରେ ଅଧିକ ସୁରକ୍ଷା ଦେବା ପାଇଁ  Letter of Credit (LC) ତଥା ESCROW account ର ବ୍ୟବସ୍ଥା ବିଦ୍ୟୁତ କ୍ରୟ ଅନୁବନ୍ଧ ରେ ଦର୍ଶା ଯାଇଛି।

13. ସୌର ପ୍ରକଳ୍ପ ଗୁଡିକରୁ ଉତ୍ପାଦିତ ବିଦ୍ୟୁତ ଶକ୍ତି କୁ   ଗ୍ରୀଡକୋ ନିଜର  RPO (Renewable Purchase Obligation)  ଆପୂର୍ତ୍ତି ପାଇଁ ବ୍ୟବହାର କରିବେ।

14. ସୌର ପ୍ରକଳ୍ପ ର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ଯନ୍ତ୍ରାଂଶ ଯଥା; ମଡ୍ୟୁଲ, ଇନଭରଟର, BOS ଇତ୍ୟାଦି  ଅଣପାରମ୍ପରିକ ଶକ୍ତି ମନ୍ତ୍ରଣାଳୟ କିମ୍ବା BIS ଅନୁମୋଦିତ ମାପଦଣ୍ଡ ଅନୁଯାୟୀ ହେବା ବିଧେୟ।

15. ସମସ୍ତ ଏସପିଜି ବିଦ୍ୟୁତ କ୍ରୟ ଅନୁବନ୍ଧ ସ୍ୱାକ୍ଷର କରିବାର 6 ମାସ ମଧ ରେ ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥ ରାଶି ଯୋଗାଡ ହେବାର ପ୍ରମାଣ ଓରେଡା କୁ ଦର୍ଶାଇବେ। ଏଥି ପାଇଁ ବ୍ୟାଙ୍କ/ବିତ୍ତୀୟ ସଂସ୍ଥା ମାନଙ୍କ ଦ୍ୱାରା ପ୍ରଦତ୍ତ ସ୍ବୀକୃତୀ ପତ୍ର ଓରେଡା ରେ ଜମା କରିବା ବିଧେୟ।

16. ଏସପିଜି ଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦଲିଲ/ଦସ୍ତାବିଜ/ ସୂଚନା ଯେ କୌଣସି ସମୟ ରେ ଅସତ୍ୟ ପ୍ରମାଣିତ ହେଲେ ତାଙ୍କ ଆବେଦନ ତଥା ଚୟନ କୁ ରଦ୍ଦ କରାଯିବ ଏବଂ ସେ ଜମା କରିଥିବା ବ୍ୟାଙ୍କ ଗ୍ୟାରାଣ୍ଟି ଜବତ କାରରଯିବ।

## 17. ସୌର ପ୍ରକଳ୍ପ ରୁ ସର୍ବ ନିମ୍ନ ନିର୍ଦ୍ଧାରିତ ବିଦ୍ୟୁତ ଶକ୍ତି ଉତ୍ପାଦନରେ ହ୍ରାସ

I. ବିଦ୍ୟୁତ କ୍ରୟ ଅନୁବନ୍ଧ ର ଅବଧି ମଧ ରେ ବାର୍ଷିକ ଅତି କମ ରେ 15 ପ୍ରତିଶତ CUF ( Capacity Utilization Factor) କାୟମ ରଖିବା ଅନିବାର୍ଯ୍ୟ।

II. CUF ( Capacity Utilization Factor) 15 ପ୍ରତିଶତ ରୁ କମ  ହେଲେ ବିଦ୍ୟୁତ କ୍ରୟ ଅନୁବନ୍ଧ ରେ ଦିଆଯାଇଥିବା ସର୍ତ୍ତ ଅନୁଯାୟୀ ଏସପିଜି ଙ୍କୁ କ୍ଷତି ଭରଣା କରିବାକୁ ପଡିବ।

III. ବିଦ୍ୟୁତ ଗ୍ରୀଡ ଉପଲବ୍ଧ ନ ହେଲେ କିଂବା ଏସପିଜି ଙ୍କ ନିୟନ୍ତ୍ରଣ ବାହାରର କୌଣସି ସ୍ଥିତିରେ ସର୍ବନିମ୍ନ CUF କାୟମ ନ ରହିପାରିଲେ କ୍ଷତି ଭରଣା ରେ ଶିଥିଳତା ଦେବା କଥା ବିଚାର କରାଯାଇପାରେ।

IV. ଦୈବି ଦୁର୍ବିପାକ ତଥା ଅନ୍ୟାନ୍ୟ Force majeur ସ୍ଥିତି ରେ କ୍ଷତି ପୂରଣ ବ୍ୟବସ୍ଥା ଲାଗୁ ହେବ ନାହିଁ

V. ଅସାଧ୍ୟ ପରିସ୍ଥିତି କୁ ବାଦ ଦେଲେ ସାଧାରଣ ସ୍ଥିତି ରେ ବିଦ୍ୟୁତ ବିତରକ କମ୍ପାନୀ ଅତି କମ ରେ 95 ପ୍ରତିଶତ ସମୟରେ ଗ୍ରୀଡ ଉପଲବ୍ଧ କରିବେ।

## 18. ସୌର ପ୍ରକଳ୍ପ ସ୍ଥାପନ କରିବାର ଅବଧି

I. LOA ପ୍ରାପ୍ତି ର 9 ମାସ ଭିତରେ ଏସପିଜି ଙ୍କୁ ସୌର ପ୍ରକଳ୍ପ ଚାଲୁ ( Commissioning) କରିବାକୁ ହେବ। ଏହି ଅବଧି ମଧ୍ୟରେ ପ୍ରକଳ୍ପ Commissioning ନ ହେଇ ପାରିଲେ PPA ର ସର୍ତ୍ତ ଅନୁଯାୟୀ ଜୋରିମାନା (Penalty) ଦେବାକୁ ପଡିବ।

II. LOA ପ୍ରାପ୍ତି ର 11 ମାସ ମଧ୍ୟରେ ଯଦି ଅନୁମୋଦିତ କ୍ଷମତା ସମ୍ପୂର୍ଣ୍ଣ ରୂପେ Commissioning ହେଇ ନ ପାରିବ ତେବେ ଉପରୋକ୍ତ ମତେ ଜୋରିମାନା ଆଦାୟ ପୂର୍ବକ ପ୍ରକଳ୍ପ ର ଅନୁମୋଦିତ କ୍ଷମତାକୁ ପ୍ରକୃତରେ commissionହୋଇଥିବା କ୍ଷମତା ଅନୁସାରେ ସଂଶୋଧନ କରାଯିବ।

## 19. ବ୍ୟାବସାୟିକ କାର୍ଯ୍ୟକାରୀତା ତିଥି (Commercial Operation Date)

ସମ୍ପୃକ୍ତ କମିସନିଙ୍ଗ କମିଟି ପ୍ରତ୍ୟେକ ସୌର ପ୍ରକଳ୍ପ ର ବ୍ୟାବସାୟିକ କାର୍ଯ୍ୟକାରୀତା ତିଥି (Commercial Operation Date) ଘୋଷଣା କରିବେ।